■ ୩ଟି ବାଇକ୍‌କୁ ଟ୍ରଲି ସହ ସଂଯୋଗ

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଆରଟିଓ



ଜୟପୁର,୧୦ ।୧୨(ସମିସ): ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଅନ୍ୟାନ୍ୟ ରାଜ୍ୟର କେତେକ ବାଇକ୍‌କୁ ଜୁଗାଡ ମାଧ୍ୟମରେ ଟ୍ରଲି ସଂଯୋଗ କରାଯାଇ ମାଲବାହୀ ଗାଡି ଭାବେ ବ୍ୟବହାର କରାଯାଇ ବିପଦସଙ୍କୁଳ ଅବସ୍ଥାରେ ସାମଗ୍ରୀ ପରିବହନ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏଥିନେଇ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଆଞ୍ଚଳିକ ପରିବହନ ବିଭାଗକୁ ଏଥିନେଇ ଅବଗତ କରିଥିଲେ। ଆଜି ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମାରାଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ଟ୍ରାଫିକ ଇନ୍‌ସପେକ୍ଟର ଜଗନ୍ନାଥ ଦାରୁବ୍ରହ୍ମଙ୍କ ନେତୃତ୍ୱରେ ବିଭାଗ ପକ୍ଷରୁ ଚଢଉ କରାଯାଇ ଜୟପୁର ଟାଉନଥାନା ଅଞ୍ଚଳରେ ଗୋଟିଏ ଏବଂ ସଦରଥାନା ଅଞ୍ଚଳରେ ଦୁଇଟି ଜୁଗାଡ ବାଇକକୁ ଜବତ କରିଛନ୍ତି ଏବଂ ଉକ୍ତ ଜବତ ବାଇକ ମଧ୍ୟରୁ ଗୋଟିଏ ଟାଉନଥାନାକୁ ହସ୍ତାନ୍ତର କରାଯାଇଥିବା ବେଳେ ୧୭ ହଜାର ଟଙ୍କା ଜରିମାନା ଏବଂ ଆମ୍ବାଗୁଡା ଅଞ୍ଚଳରୁ ଜବତ ଦୁଇଟି ବାଇକକୁ ପ୍ରତ୍ୟେକ ୧୫ ହଜାର ଭାବେ ୩୦ ହଜାର ଟଙ୍କା ଜରିମାନା କରାଯାଇ ଆମ୍ବାଗୁଡା ଫାଣ୍ଡିକୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ ମଧ ଏହିପରି ଗାଡି ଗୁଡିକ ଯାଞ୍ଚ କରାଯିବ ବୋଲି ଆରଟିଓ ଶ୍ରୀ ମାରାଣ୍ଡି ସୂଚନା ଦେଇଛନ୍ତି।

# ଗାଁରୁ ବିଦ୍ୟୁତ୍ ବିଚ୍ଛିନ୍ନ, ଅନ୍ଧାରରେ ୩୦ ପରିବାର

ଉମରକୋଟ,୧୦।୧୨(ସମିସ):



ଗ୍ରାମର କିଛି ଲୋକ କିଛି ବର୍ଷ ହେଲା ବିଦ୍ୟୁତ୍ ବିଲ ପୈଠ କରି ନଥିଲେ। ତେବେ ସେହି ଲୋକଙ୍କ ଘରର ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିବା ପରିବର୍ତ୍ତେ ସମଗ୍ର ଗାଁରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦିଆଯାଇଛି। ଏହାକୁ ନେଇ ରାଜପୁର ଗ୍ରାମରେ ବ୍ୟାପକ ଉତ୍ତେଜନା ଦେଖା ଯାଇଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମ ପଞ୍ଚାୟତ ସଦର ମହକୁମା ଠାରେ। ଏହି ଗ୍ରାମରେ ପ୍ରାୟ ୩୦୦ରୁ ଅଧିକ ପରିବାର ବସବାସ କରନ୍ତି। ତେବେ କିଛି ବର୍ଷ ହେଲା ଗ୍ରାମର କିଛି ପରିବାର ବିଦ୍ୟୁତ୍ ବିଲ ପୈଠ କରି ନାହାନ୍ତି । ଫଳରେ ବକେୟା ବଢିଯାଇଛି। ତେବେ ଗତକାଲି ବିଦ୍ୟୁତ୍ ବିଭାଗର କିଛି କର୍ମଚାରୀ ରାଜପୁର ଗ୍ରାମକୁ ଯାଇ ସମଗ୍ର ଗାଁରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦେଇଛନ୍ତି। ଫଳରେ ୨୪ ଘଣ୍ଟାରୁ ଉର୍ଦ୍ଧ ହେଲା ଅନ୍ଧାରରେ ରହିଛନ୍ତି ରାଜପୁର ଗ୍ରାମବାସୀ। ରାଜପୁର ଗୋଟିଏ ପଞ୍ଚାୟତ ହୋଇଥିବା ଯୋଗୁଁ ଆଖ ପାଖ ଅଂଚଳର ସମସ୍ତ ଗ୍ରାମବାସୀ ରାଜପୁର ଉପରେ ବିଭିନ୍ନ କାର୍ଯ୍ୟକୁ ନେଇ ନିର୍ଭର କରିଥାନ୍ତି। ବିଦ୍ୟୁତ କାଟ ଯୋଗୁଁ ଚାଉଳ ବଣ୍ଟନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେଇଯିବା ସହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ କାମ ବନ୍ଦ ହୋଇ ପଡିଛି। ଅପର ପକ୍ଷରେ ସମଗ୍ର ରାଜପୁର ଗ୍ରାମବାସୀ ପଞ୍ଚାୟତ ପକ୍ଷରୁ ଯୋଗାଣ ହେଉଥିବା ଜଳ ଯୋଗାଣ ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ବେଳେ ଥିବା ବେଳେ ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁଁ ପିଇବା ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ଫଳରେ ୨୪ ଘଣ୍ଟା ହେଲା ରାଜପୁର ଗ୍ରାମବାସୀ ବିନା ପିଇବା ପାଣିରେ ଜୀବନ ବିତାଉଛନ୍ତି । ଏପରିକି ପିଲାଙ୍କ ପାଠପଢ଼ା ମଧ ସମସ୍ୟାରେ ରହିଛି। ଏନେଇ ସ୍ଥାନୀୟ ସରପଞ୍ଚ ପବିତ୍ର ଭତ୍ରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ପୂର୍ବରୁ ଲୋକଙ୍କୁ ସୂଚନା ଦିଆଯାଇନାହିଁ।

> ➤ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ
> ➤ ବିଲ୍ ପୈଠ କରୁଥିବା ଲୋକଙ୍କ ବିଦ୍ୟୁତ୍ କଟାକୁ ନେଇ ଉତ୍ତେଜନା

ସୂଚନା ଦେଇଥିଲେ ଲୋକେ ଟଙ୍କା ପୈଠ କରିଥାନ୍ତେ। ଅନ୍ୟପଟେ ଗ୍ରାମର ଅଧାରୁ ଅଧିକ ଲୋକ ବିଜୁଳି ବିଲ ବାନ୍ଧିଛନ୍ତି । ହେଲେ କିଛି ଲୋକଙ୍କ ପାଇଁ ସମସ୍ତଙ୍କ ଘରର ବିଜୁଳି କାଟିବା ଠିକ୍ ନୁହେଁ ବୋଲି କହିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କୁ ଫୋନ କଲେ ମଧ କେହି ଉଠାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉମରକୋଟ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଏଲ.ରବି ଆଚରିଙ୍କୁ ପଚାରିବାରୁ ସେ କହିଛନ୍ତି ବାରମ୍ବାର କହିବା ପରେ ମଧ ଲୋକେ ବକେୟା ବିଜୁଳି ବିଲ ପୈଠ କଲେନାହିଁ। ତେଣୁ ଆମେ ବିଦ୍ୟୁତ କାଟି ଦେଇଛୁ ବୋଲି କହିଛନ୍ତି। ଟଙ୍କା ପୈଠ କଲେ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଛନ୍ତି। ବିଦ୍ୟୁତ୍ ବିଭାଗର ଏଭଳି କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖା ଯାଇଥିବା ବେଳେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି। ତୁରନ୍ତ ବିଲ ପୈଠ କରିଥିବା ଗ୍ରାହକ ମାନଙ୍କ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଗ୍ରାହକ ମାନେ ଦାବି କରିଛନ୍ତି।

# 'ପରବ' ଟେଣ୍ଡର କମିଟି ବୈଠକ



କୋରାପୁଟ,୧୦।୧୨(ସମିସ): ଲୋକ ମହୋତ୍ସବ ପରବ ୨୦୨୫ ପାଳନ ଉପଲକ୍ଷେ ଖାଦ୍ୟ ଟେଣ୍ଡର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମିଳିଥିବା ସମୁଦାୟ ୮ ଗୋଟି ଟେଣ୍ଡର ପେପର ଖୋଲାଯିବା ପରେ କୋରାପୁଟ ସହରର ଖାନା ଖାଜାନାକୁ ଏଲ ୱାନ ଘୋଷିତ କରାଯାଇଥିଲା। ଖାଦ୍ୟ କମିଟିର ସଦସ୍ୟ ମାନେ ଖାଦ୍ୟର ଗୁଣାତ୍ମକ ମାନ ଯାଞ୍ଚ କରିବେ। ଏହା କହିଛନ୍ତି କମିଟିର ସଭାପତି ବେଣୁଧର ଶବର। ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ ଉମା ମହେଶ,ଜିଲ୍ଲା ପରିଷଦର ଅଧିକାରୀ ହିମାଂଶୁ ଶତପଥି, ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ, ପିଡବ୍ଲୁଡି ବିଭାଗର ଯନ୍ତ୍ରୀ ଶୁଭେନ୍ଦୁ ଶୁଭଦର୍ଶନ ଦାଶ,ଜିଲ୍ଲା କୋଷାଗାର ଓ ଜିଏସଟି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲି ଚୋରାଚାଲାଣ ବଢୁଛି, ପ୍ରଶାସନ ନିରବଦ୍ରଷ୍ଟା



ପୋଡ଼ାଗଡ଼,୧୦।୧୨(ସମିସ): ରାଜ୍ୟରେ ବାଲି ଚୋରାଚାଲାଣକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏମିତିକି ବିଧାନସଭାରେ ମଧ ସରଗରମ ଆଲୋଚନା ହେଉଛି। କିନ୍ତୁ ଉପାନ୍ତ ଜିଲ୍ଲାରେ ଅନେକ ସ୍ଥାନରେ ବାଲି ଚୋରାଚାଲାଣ ବେଧଡ଼କ ଚାଲିଛି। ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ମୁଜାଙ୍ଗା ପଞ୍ଚାୟତ ଅନ୍ତର୍ଗତ କଙ୍କଡାପୁଟ ଓ ଡଙ୍ଗାୟତପୁଟ ନିକଟ ନଦୀରେ ଦିନକୁ ୧୦ରୁ ୨୦ ଟ୍ରାକ୍ଟର ବାଲି ଏହି ଗ୍ରାମ ନିକଟ ନଦୀରୁ ଚାଲାଣ ଚାଲିଛି। ସରକାରଙ୍କ ହଜାର ହଜାର ଟଙ୍କାର ରାଜସ୍ୱ ହାନି ହେଉଛି। ଏହା ଛଡ଼ା ମୂଜାଙ୍ଗା ପଞ୍ଚାୟତ ସଦର ମହକୁମା ସହ ଆଖପାଖ ଗାଁ ମାନଙ୍କର ଚାଷ ହୋଇନଥିବା ପଡିଆ ଜମିମାନଙ୍କରେ ଗଚ୍ଛିତ ରଖିଥିବା ଦେଖା ଦେଇଛି। ପ୍ରତିଦିନ ସକାଳ ସମୟରେ ୫ରୁ ଅଧିକ ଟ୍ରାକ୍ଟର ଆସି ବାଲି ନେଉଥିବା ଦେଖାଦେଇଛି। ଯେହେତୁ ସକାଳ ୭ଟାରୁ ୯ଘଣ୍ଟା ସମୟ ମଧ୍ୟରେ ବାଲି ନଦୀ ଘାଟରୁ ନ ନେଲେ କାଳେ ଧରା ପଡ଼ିଯିବା ଭୟରେ ଏମିତି ଦିଆଯାଉଥିବା ଗ୍ରାମବାସୀ କହିଛନ୍ତି। ବାଲି ନେବା ନିମନ୍ତେ ଟ୍ରାକ୍ଟର ଛଡ଼ା ହାଇୱା ଗାଡ଼ି ଆସୁଥିବାରୁ ଡଙ୍ଗାୟତପୁଟ ଗ୍ରାମର ରାସ୍ତା ଖରାପ ହେଉଥିବା ଗ୍ରାମବାସୀ କହିଛନ୍ତି।

# ଗୀତା ଜୟନ୍ତୀ କାର୍ଯ୍ୟକ୍ରମ

ଜୟପୁର,୧୦ ।୧୨(ସମିସ) : ଜୟପୁର ରଥପଡିଆସ୍ଥିତ ଗୀତା ଭବନ ଠାରେ ଗୀତା ଜୟନ୍ତି ପାଳନ ହୋଇଯାଇଛି। ବରିଷ୍ଠ ସମାଜସେବୀ ବାବୁ ଭାଇ ବଜରଙ୍ଗୀ ଗୀତା ପାଠ ଏବଂ ପ୍ରବଚନ ମାଧ୍ୟମରେ ଗୀତାରେ ବିଶ୍ୱ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ଏବଂ ଅନ୍ୟ ମାନଙ୍କ ପାଇଁ ରହିଥିବା ହିତୋ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ହୋମଯଜ୍ଞ ଏବଂ ପୂଜର୍ଚ୍ଚନା ହୋଇଥିଲା।

# ଅବକାରୀ ଚଢ଼ଉ

ପୋଡ଼ାଗଡ଼,୧୦।୧୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପଞ୍ଚାୟତର ଲାମତାପୁଟ ଓ ମୁଜାଙ୍ଗ ପଞ୍ଚାୟତର ଡେଙ୍ଗାଜାନି ଗୁଡା ଗ୍ରାମରେ ଅବକାରୀ ଚଢ଼ଉ ହୋଇଛି। କୋରାପୁଟ ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ରେ ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ କୋରାପୁଟ ଅବକାରୀ ଥାନାରୁ ଓ ଜିଲ୍ଲା ଫ୍ଲାଇଙ୍ଗ ସ୍କ୍ୱାର୍ଡର ଚନ୍ଦ୍ର ଶେଖର ପଢ଼ିଆରୀ, ଜଗବନ୍ଧୁ ଜାନି, ଓଆଇସି କୋରାପୁଟ ରାଜ କୁମାର ଖିତି ଏସଆଇକୁ ନେଇ ଏକ ଟିମ୍ ଓ ଲକ୍ଷ୍ମୀପୁର ଅବକାରୀ ଥାନା ଓଆଇସି କୁଶ ଜାଲଙ୍କ ନେତୃତ୍ୱରେ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ଷ୍ଟାଫ୍‌କୁ ନେଇ ଏକ ଟିମ୍ ଲମତପୁଟ ଗ୍ରାମରେ ଚଢ଼ଉ କରିଥିଲେ। ଅବକାରୀ ବିଭାଗ ଯିବା ଦେଖି ମଦ ପ୍ରସ୍ତୁତି କାରୀ ଫେରାର ଯାଇଥିଲା। ସେଠାରୁ ପ୍ରାୟ ୧୨୦୦ ଲିଟର ପୋଚ ଓ ୯୦ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଡେଙ୍ଗାଜାନି ଗୁଡା ଗ୍ରାମରୁ୧୮୦ଲିଟର ଦେଶୀ ମଦ ସହ ୩୦୦୦ ଲିଟର ପୋଚ ନଷ୍ଟ କରିବା ସହ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଓ କୁଡିଆକୁ ସମ୍ପୂର୍ଣ୍ଣ ନଷ୍ଟ କରିଥିଲେ। କାହାକୁ ଗିରଫ କରାଯାଇନାହିଁ। ୩ ଟି ବେନାମୀ ମାମଲା ରୁଜୁ ହୋଇଥିବା ଅବକାରୀ ବିଭାଗ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି।

# ଦୈନିକ ବଜାର ପରିଚାଳନା ପାଇଁ ବୈଠକ



ବୈପାରିଗୁଡ଼ା, ୧୦।୧୨(ସମିସ): ବୈପାରିଗୁଡା ବ୍ଲକ ସଦର ମହକୁମାରେ ନୂତନ ଦୈନିକ ବଜାର ପିଣ୍ଡି ପରିଚାଳନା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈପାରିଗୁଡା ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସ୍ନିଗ୍ଧା ଚୌଧୁରୀ, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ଏବଂ ପୁଲିସ ଉପସ୍ଥିତିରେ ସମସ୍ତ ପରିବା ବ୍ୟବସାୟୀଙ୍କୁ ନେଇ ବୈଠକ ହୋଇଥିଲା। ବୈଠକରେ ୪୫ ଜଣ ପରିବା ବ୍ୟବସାୟୀଙ୍କୁ ନେଇ କେଉଁ ପିଣ୍ଡିରେ କିଏ ବସିବ ସେଥିପାଇଁ ଲଟେରୀ କରାଯାଇଥିଲା। ନମ୍ବର ଅନୁଯାୟୀ ପିଣ୍ଡିରେ ବର୍ତ୍ତମାନ ପରିବା ବ୍ୟବସାୟୀ ବସି ବ୍ୟବସାୟ କରିବେ ବୋଲି ଜଣାପଡ଼ିଛି। ଦୈନିକ ବଜାରକୁ ନେଇ ବହୁ ଦିନର ସମସ୍ୟା ଆଜି ବ୍ଲକ ପ୍ରଶାସନ ପକ୍ଷରୁ ସମାଧାନ କରାଯାଇଛି। ସୂଚନା ଥାଉକି,ବୈପାରୀଗୁଡା ଠାରେ ଦୈନିକ ବଜାର ନଥିବାରୁ ପରିବା ବ୍ୟବସାୟୀ ବହୁ ବର୍ଷ ଧରି ଜାତୀୟ ରାଜପଥ କଡ଼ରେ ପସରା ମେଲାଇ ବସୁଥିଲେ। ଫଳରେ ସଦାସର୍ବଦା ଟ୍ରାଫିକ ସମସ୍ୟା ଲାଗି ରହୁଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ତହସିଲଦାରଙ୍କ ନେତୃତ୍ୱରେ ସ୍ଥାୟୀ ଦୈନିକ ବଜାର ନିର୍ମାଣ ପାଇଁ ସହିଦ ଲକ୍ଷ୍ମଣ ନାୟକ ପାଠାଗାର ନିକଟସ୍ଥ ଜାଗାକୁ ଚିହ୍ନଟ କରାଯାଇଥିଲା। ଭୂମି ପୂଜନ ପରେ ୧୫ ଲକ୍ଷ ଟଙ୍କା ବିନିମୟରେ ବ୍ୟବସାୟୀ ବସିବା ପାଇଁ ଦୈନିକ ବଜାରରେ ପିଣ୍ଡି ନିର୍ମାଣ କରାଗଲା। ନଭେମ୍ବର ୧୩ ତାରିଖରେ କୋରାପୁଟ ବିଧାୟକ ରଘୁରାମ ମାଛ ଦୈନିକ ବଜାରର ଉଦ୍‌ଘାଟନ କରିଥିଲେ। ଆଜିର ବୈଠକରେ ପରିବା ବ୍ୟବସାୟୀ ନବନିର୍ମିତ ପିଣ୍ଡିରେ କିଏ କେଉଁଠି ବସିବ ସେନେଇ ଲଟେରୀ କରାଯାଇଥିଲା।

# ମଞ୍ଚ ନାଟକ ମହୋତ୍ସବ ଉଦ୍‌ଯାପିତ



ନବରଙ୍ଗପୁର, ୧୦।୧୨(ସମିସ): ନବରଙ୍ଗପୁର ସହର ସ୍ଥିତ ଶାସ୍ତ୍ରୀ ଭବନଠାରେ ଆୟୋଜିତ ତିନି ଦିବସୀୟ ମଞ୍ଚ ନାଟକ ମହୋତ୍ସବ ଶେଷ ହୋଇଛି। ମଣ୍ଡେଇ ମହୋତ୍ସବ-୨୦୨୫ ପୂର୍ବରୁ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ବରିଷ୍ଠ କଳାକାର ଦୁର୍ଗା ପ୍ରସାଦ ପ୍ରଧାନୀଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ହାସ୍ୟରସ ଓ ସାମାଜିକ ବାର୍ତ୍ତାଭିତ୍ତିକ ନାଟକ "ନା ଗପ ନା କାହାଣୀ" ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ବୃଦ୍ଧାବସ୍ଥାରେ ଜଣେ ପିତାଙ୍କ ପ୍ରତି ପୁଅର ଆଚରଣକୁ କୌତୁକିଆ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା, ଯାହା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ନାଟକ ରେ ଦେବଦାସ ମହାକୁଣ୍ଡ, ଦୁର୍ଗା ପ୍ରସାଦ ପ୍ରଧାନୀ,ଫାଲଗୁନି ପାତ୍ର, କାଳୀ କିଙ୍କର ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ,ବିକ୍ରମ ଦାସ,ପ୍ରକାଶ ଚନ୍ଦ୍ର ବାରିକ,ଜି ଭି ରବି ପ୍ରସାଦ, ଦେବାଶିଷ ମହାନ୍ତି, ଆଲୋକ ସାହୁ,କିରଣ କୁମାର ରାଓ ଭଳି ମଞ୍ଚ କଳାକାରମାନେ ଅଭିନୟ ପ୍ରଦର୍ଶନ କରିଥିଲେ। ସଂଗୀତ ନିର୍ଦ୍ଦେଶନା ରେ ଯୁଗଳ କିଶୋର ତ୍ରିପାଠୀ ଏବଂ ଫାଲଗୁନୀ ପାତ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମଞ୍ଚ ନାଟକର ମହତ୍ତ୍ୱ ଓ ଏହାର ସମାଜରେ ଏହାର ସଂରକ୍ଷଣ ଉପରେ ଏକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଶେଷରେ, ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଣ୍ଡେଇ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ଦ୍ୱାରା ବରିଷ୍ଠ କଳାକାର ଦେବଦାସ ମହାକୁଡ଼ ଓ ପ୍ରକାଶ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ସମସ୍ତ କଳାକାରଙ୍କୁ ମଧ ପ୍ରମାଣପତ୍ର ଓ ଉପହାର ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସମସ୍ତ କମିଟି ସଦସ୍ୟଙ୍କ ସମେତ ଉପସ୍ଥିତ ସମସ୍ତ ଅଧିକାରୀ,ମ୍ୟୁନିସିପାଲଟି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

ଜୟପୁର,୧୦ ।୧୨(ସମିସ): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ 'ଆସ ସ୍କୁଲ ଯିବା' ଅଭିଯାନ ଅବସରରେ କ୍ଲଷ୍ଟର ସ୍ତରୀୟ ଶିକ୍ଷାସଭା ଆୟୋଜିତ ହୋଇଥିଲା। ଜୟପୁର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରରେ ଆୟୋଜିତ ଭାରତୀୟ ଭାଷା ଉତ୍ସବର କ୍ଲଷ୍ଟର ସ୍ତରୀୟ ପଦଯାତ୍ରାରେ ବହୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଯୋଗ ଦେଇଥିଲେ। ପଦଯାତ୍ରାରେ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ କୁକୁମୀନା ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜୟପୁର ବ୍ଲକର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ. ଗୋପାଳ, ସମ୍ମାନିତ ଅତିଥି ଭାବେ ସିଆରସିସି ରାମେଶ୍ୱର ପଣ୍ଡା, ଜ୍ୟୋତି ଶଙ୍କର ତ୍ରିପାଠୀ, ସାଗର ତ୍ରିପାଠୀ ଏବଂ ସଂଯୁକ୍ତା ରାଉତ ଓ ପିଆରଆଇ ମେମ୍ବର ଗୋପୀନାଥ ମହାନ୍ତି, ଅର୍ପିତା ଷଡଙ୍ଗୀ ଏବଂ ଅଜିତ ବେହେରା ଉପସ୍ଥିତ ରହିଥିଲେ। ସୁନାରିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିଆରସିସି ବିଜୟଲକ୍ଷ୍ମୀ ସ୍ୱାଇଁ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ'



ତେନ୍ତୁଲିଖୁଣ୍ଟି,୧୦।୧୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ସଦର ମହକୁମା ଠାରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ "ମଣ୍ଡେଇ" ୨୦୨୫ ପାଳିତ ହୋଇଯାଇଛି। ସ୍ଥାନୀୟ ତେନ୍ତୁଲିଖୁଣ୍ଟି କାଳୀ ସୁନ୍ଦରୀ ଓ ହନୁମାନ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରିବା ପରେ ଏକ ଶୋଭାଯାତ୍ରା ମାଧ୍ୟମରେ ମଶାଲ ଆଣି ମଣ୍ଡେଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବ୍ଲକ ଅଧ୍ୟକ୍ଷା ନିଁଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ପାତ୍ର, ବିଭିନ୍ନ ଦଳର ନେତା, ସମସ୍ତ ସରପଞ୍ଚ ସମିତି ସଭ୍ୟ ସଭ୍ୟା, ଜୟ ତେନ୍ତୁଲିଖୁଣ୍ଟି ମାନବ ସେବା ସଂଗଠନ ସଦସ୍ୟ ତଥା ଜନସାଧାରଣ ସାମିଲ ହୋଇଥିଲେ। ବିଡିଓ ଶ୍ରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମାଝୀ ଉପସ୍ଥିତ ରହି ଆମ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି ଓ ପରମ୍ପରା କୁ ଉଦ୍ଦୀବିତ କରିବା ଉଦେଶ୍ୟରେ ମଣ୍ଡେଇ ମଞ୍ଚ ପାଳନ କରାଯାଉଛି ବୋଲି କହିଥିଲେ। ସଂଜୀବ ସାହୁ ଓ ସଂଗୀତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷା ଶ୍ରୀମତୀ ମାଝୀ,ଉପାଧ୍ୟକ୍ଷ ଶ୍ରୀ ବିଷୋୟୀ,ବିଇଓ ସୁଦୀପ୍ତ ରଞ୍ଜନ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ପାତ୍ର, ଦେବକୀ ନାୟକ, ଗୋପାଳ କୃଷ୍ଣ ଭଞ୍ଜ, କାଁହୁ ସିଂ ସାଧୁ, ବିଧାୟକ ପ୍ରତିନିଧି ଶ୍ରୀ ପାତ୍ର, ସମସ୍ତ ସରପଞ୍ଚ ସମିତି ସଭ୍ୟ ସଭ୍ୟା ମଞ୍ଚାସୀନ ଥିଲେ। ବିଭିନ୍ନ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, କୁଇଜ, ରଙ୍ଗଲୀ, ସଂଗୀତ ଆଦି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ବିଧାୟକଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ପୂର୍ବତନ ଅଧ୍ୟକ୍ଷ, ବ୍ଲକ କର୍ମଚାରୀଙ୍କୁ ମଧ ପଞ୍ଚାୟତ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ଲକ୍ଷ୍ମୀପୁରରେ ରହିଛି ଅନେକ ଦର୍ଶନୀୟ ସ୍ଥାନ

# ପ୍ରଶାସନ ସ୍ୱତନ୍ତ୍ର ଯୋଜନା କରିବାକୁ ଦାବି



ଲକ୍ଷ୍ମୀପୁର, ୧୦।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ହେଉଛି ଏକ ପ୍ରମୁଖ ବ୍ଲକ। ଏଠି ଅନେକ ଦର୍ଶନୀୟ ସ୍ଥାନ ରହିଛି ଯାହା ପର୍ଯ୍ୟଟକଙ୍କୁ ନିଶ୍ଚିତ ଆକର୍ଷଣ କରିବ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ କହିଲେ ନ ସରେ। ଥରେ ଯିଏ ଆସି ଦେଖିଥିବ ବାରମ୍ବାର ଆସିବାକୁ ପସନ୍ଦ କରିବ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ସୁନ୍ଦର ବୟାନ କରି ହେବନାହିଁ। ସହସ୍ର ଶିବ ଲିଙ୍ଗଧାରୀ କୁଟୁଣିପଦର ପାହାଡ, ସୌନ୍ଦର୍ଯ୍ୟର ରାଣୀ ରାଇଶିଲ, କେନ୍ଦୁପାଇ ଓ ତଳ ମିଟିଙ୍ଗ ଜଳ ପ୍ରପାତ ଏଭଳି ସୁନ୍ଦର ସୁନ୍ଦର ଦର୍ଶନୀୟ ସ୍ଥାନ ଗୁଡିକ ରହିଛି ଏହାକୁ ଯଦି ପର୍ଯ୍ୟଟନ ବିଭାଗ କିଛି ପଦକ୍ଷେପ ନେଇ ଯାତାୟତ, ପାନୀୟ ଜଳ ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ନିଶ୍ଚିତ ଭାବେ ଲୋକଙ୍କ ବା ପର୍ଯ୍ୟଟକଙ୍କ ସୁଅ ଛୁଟିବ। ସେଭଳି ପଡ଼ି ରହିଛି ଏତେ ସୁନ୍ଦର ଆକର୍ଷଣୀୟ ସ୍ଥାନ ଗୁଡିକ। ଅବଶ୍ୟ ତଳ ମିଟିଙ୍ଗ ଜଳ ପ୍ରପାତ ପାଇଁ କିଛି ଉନ୍ନତ ମୁଳକ କାର୍ଯ୍ୟ ଆରମ୍ଭ ହୋଇଛି। ସେଭଳି ଅନ୍ୟ ସ୍ଥାନ ମାନଙ୍କୁ ମଧ ଆକର୍ଷଣୀୟ କରିବା ପାଇଁ ପର୍ଯ୍ୟଟନ ବିଭାଗ ପଦକ୍ଷେପ ହାତକୁ ନେଲେ ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ହେବା ସଙ୍ଗେ ସଙ୍ଗେ ଲକ୍ଷ୍ମୀପୁର ବ୍ଲକ ପ୍ରତି ପର୍ଯ୍ୟଟକ ଭିଡ ଜମିବ। ଗ୍ରୀଷ୍ମ ସମୟରେ ଅନ୍ୟ ସ୍ଥାନ ମାନଙ୍କରେ ତାତି ପ୍ରଖର ହୋଇଥାଏ । କିନ୍ତୁ ଲକ୍ଷ୍ମୀପୁର ବ୍ଲକରେ ତାତି ଅନୁଭୂତି ହୁଏ ନାହିଁ। ସାଧାରଣତଃ ଏଠିକାର ଲୋକେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରନ୍ତି ନାହିଁ। ତେଣୁ ଖରାଦିନେ ଏଠି ସମୟ ବିତାଇବା ଲୋକେ ବେଶି ପସନ୍ଦ କରନ୍ତି। ଏସବୁ ଦୃଷ୍ଟି କୋଣରୁ ପର୍ଯ୍ୟଟନ ସ୍ଥାନ ଗୁଡିକୁ ଚିହ୍ନଟ କରି ଏହାର ଭିତ୍ତିଭୂମିର ବିକାଶ କରାଗଲେ ଲକ୍ଷ୍ମୀପୁର ଆଗାମୀ ଦିନରେ ସବୁ କ୍ଷେତ୍ରରେ ବିକାଶର ଶୀର୍ଷ ଛୁଇଁବ ଏହା ନିସନ୍ଦେହ। ଏହା ଉପରେ ପର୍ଯ୍ୟଟନ ବିଭାଗ ତତ୍ପର ଦେଖାଇ ତୁରନ୍ତ ଏ ସମସ୍ତ ସ୍ଥାନକୁ ଗସ୍ତ କରି ଏହାର ଆବଶ୍ୟକୀୟ ବ୍ୟବସ୍ଥା କରି ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ ରୂପେ ନେଇ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ସେମିଳିଗୁଡ଼ା,୧୦।୧୨(ସମିସ): ସେମିଳିଗୁଡା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱାରା ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସି ସିଂହ ସଭାପତିତ୍ୱ କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ କହିଥିଲେ। ଏହି ସମାରୋହରେ ଡ଼ ସୁଭ୍ରାଂଶୁ ସୁନ୍ଦର ଦାଶ, ଦେବରାଜ ନାୟକ, ଆଲେଖ ପ୍ରସାଦ ପଣ୍ଡା, ବାସନ୍ତି ହରପ୍ରସାଦ ପତି, ହରେକୃଷ୍ଣ ସାହୁ, ପିଙ୍କି ଗୋୟଲ, ଜ୍ୟୋତ୍ସ୍ନା ଦାଶ, ବିଜଲକ୍ଷ୍ମୀ ଦଳେଇ, ଭାଗିରଥି ରାଉତ, ଆରତୀ ପ୍ରଧାନ, ଚନ୍ଦ୍ରଶେଖର ତାଡିଙ୍ଗି, ଅର୍ଚ୍ଚନା ବିଶୋୟୀ, ପ୍ରିୟଦର୍ଶିନୀ ମଙ୍ଗରାଜ, ରୋହିଣୀ ସିରିକା, ବିଶାଳ ନାୟକ ପ୍ରଭୃତି ଉଲ୍ଲେଖନୀୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ରୀ ସୁନୀତା ହନ୍ତାଳ ଓ ରାଜଲକ୍ଷ୍ମୀ ମୁଦୁଲି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ଛାତ୍ରଛାତ୍ରୀଙ୍କ ପରିଚୟ ସହିତ ହୋଇଥିଲା। ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ବିଭିନ୍ନ ଶିକ୍ଷାନୁଷ୍ଠାନିକ ସୁବିଧା, ପାଠ୍ୟକ୍ରମ, ଗବେଷଣା ସୁଯୋଗ ଏବଂ ଭବିଷ୍ୟତର ସମ୍ଭାବନା ବିଷୟରେ ବିସ୍ତୃତ ଭାବରେ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ ବୁଝାଇଥିଲେ। ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୪ ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି,୧୦।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ନକ୍ସଲ ମୋର୍ଚ୍ଚାରେ ପୋଲିସକୁ ଆଉ ଏକ ସଫଳତା ମିଳିଛି। ମଦନୱାଡା




ଆକ୍ରମଣରେ ସାମିଲ ଥିବା ଜଣେ ମହିଳା ନକ୍ସଲ ସମେତ ଚାରି ଜଣ ନକ୍ସଲ ଆତ୍ମ ସମର୍ପଣ କରିଛନ୍ତି। ୨୦୦୯ ମସିହାରେ ମଦନୱାଡା ଆକ୍ରମଣ ସମଗ୍ର ଦେଶକୁ ଥରାଇ ଦେଇଥିଲା। ଯେଉଁଥିରେ ରାଜନନ୍ଦଗାଓଁ ଜିଲ୍ଲା ଏସପି ବିନୋଦ ଚୌବେଙ୍କ ସମେତ ୨୯ ଜଣ ସୈନିକ ସହିଦ ହୋଇଥିଲେ। ବୁଧବାର ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ଏହି ବଡ଼ ଘଟଣାରେ ସମ୍ପୃକ୍ତ ମଞ୍ଜୁଳା ଓରଫ ଲକ୍ଷ୍ମୀ ପୋଟାଇ ମଧ୍ୟ ସାମିଲ ଥିଲେ। ତାଙ୍କ ମୁଣ୍ଡରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଏହା ବ୍ୟତୀତ କମ୍ପାନୀ ନମ୍ବର ୧୦ର ସଦସ୍ୟ କାଜଲ ଓରଫ ରଜିତା, ଯାହାଙ୍କ ମୁଣ୍ଡରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ୫ ଲକ୍ଷ ଟଙ୍କାର ପୁରସ୍କାର ବହନ କରିଥିବା ବିଲାସ ଓରଫ ଚୈତୁ ଉସେଣ୍ଡି ଏବଂ ୫ ଲକ୍ଷ ଟଙ୍କାର ପୁରସ୍କାର ବହନ କରିଥିବା ରାମସାଇ ଓରଫ ଲଖନ ମଧ୍ୟ ଆ୍ସମର୍ପଣ କରିଛନ୍ତି।

● ପୌର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ମାମଲା

# ସଂଶୋଧନ ପରେ ପୁନଃ ବିଜ୍ଞପ୍ତି

ଜୟପୁର,୧୦।୧୨(ସମିସ) : ଜୟପୁର ପୌରସଂସ୍ଥା ପକ୍ଷରୁ ୪ଟି କାର୍ଯ୍ୟକାରୀ ସଂସ୍ଥାକୁ ପିପିପି ମୋଡରେ ପ୍ରଦାନ କରିବା ନେଇ ଟେଣ୍ଡର ଗତ ୫ ତାରିଖରେ ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି(ଏସଏଚଜି) ପରିଚାଳନା ଟେଣ୍ଡର ଭାଗ ନେବା ନେଇ ପାରିବେ ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଏଥିରେ କିଛି ସର୍ତ୍ତାବଳୀକୁ ନେଇ ସନ୍ଦେହ ସୃଷ୍ଟି ହେବା ସହିତ ଉକ୍ତ ଟେଣ୍ଡେର ପେପରର ସର୍ତ୍ତାବଳୀ ପୃଷ୍ଠାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷର ମଧ୍ୟ ନଥିଲା। ଏଥିନେଇ ଗତକାଲି ଅଭିଯୋଗକ୍ରମେ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ପୌର କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏହିପରି ଅନିୟମତାକୁ ଦେଖି ଦାୟିତ୍ୱରେ ରହିଥିବା କର୍ମଚାରୀ ମାନଙ୍କୁ ତାଗିଦ କରିବା ସହ ତୁରନ୍ତ କିଛି ସର୍ତ୍ତାବଳୀ ହଟାଯାଇ ଏବଂ ସଂଶୋଧନ କରାଯାଇ ନୂତନ ବିଜ୍ଞପ୍ତି ଆଜି ପ୍ରକାଶ କରିଛନ୍ତି। ପୁରୁଣା ବିଜ୍ଞପ୍ତିରେ ଗୋଟିଏ ଓ ଦୁଇଟି ମହିଳା ଏସଏଚଜିଙ୍କୁ ସୁହାଇବା ଭଳି ସର୍ତ୍ତକୁ ନେଇ କିଛି ଅନ୍ୟାନ୍ୟ ଏସଏଚଜି ମାନେ ପୌର କାଉନସିଲର ମାନଙ୍କୁ ଅବଗତ ପରେ କାଉନସିଲର ମାନେ ପୌର ନିର୍ବାହୀ ଅଧିକାରୀ କୁମାରୀ ରେଣ୍ଟି ଏବଂ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନିକଟରେ ଅଭିଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ



ରାୟଗଡା,୧୦।୧୨(ସମିସ): ବୁଧବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡାର ୩୩ ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ରେଳବାଇ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ।ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ପ୍ରମୋଦ କୁମାର ମହାନ୍ତି, କୋଷାଧ୍ୟକ୍ଷ ମନୋଜ କୁମାର ଚୌଧୁରୀ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ଉଦଘାଟନ ଉତ୍ସବରେ ଦୀପ ପ୍ରଜ୍ୱଳନ ପରେ ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଠାରେ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ଶିଶୁଙ୍କର ବିଭିନ୍ନ ବର୍ଗ ଆଧାରରେ ଖେଳ ହୋଇଥିଲା।ଶିଶୁଙ୍କ ଦ୍ୱାରା ଶପଥ ଗ୍ରହଣ ପରେ ଦୌଡ଼ ପ୍ରତିଯୋଗିତା, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା,ବର୍ଚ୍ଛା ଫିଙ୍ଗା, ତ୍ରିକୁଦ ଡିଆଁ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମର ସମାରୋପ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଉଦବୋଧନ ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଶିଶୁ ଭାଇ ଭଉଣୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଖେଳ ସହିତ ଶିଶୁ ବାଟିକା ବିଭାଗର ଶିଶୁ ଶିବିର ମଧ୍ୟ ଅନୁଷ୍ଠିତ ହୋଇଅଛି। ପରିଚାଳନା ସମିତିର ସମସ୍ତ ସଦସ୍ୟ,ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକାଙ୍କ ଅକ୍ଳାନ୍ତ ପରିଶ୍ରମରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ଆରମ୍ଭ ହେଲା ଚଇତି କ୍ରୀଡ଼ା ମହୋତ୍ସବ

# ‘ଖେଳୁଆଡ଼ ମନୋଭାବ ପ୍ରତିଭାବାନ ଖେଳାଳୀର ପରିଚୟ’

ରାୟଗଡ଼ା,୧୦।୧୨(ସମିସ): ଆସନ୍ତା ଡିସେମ୍ବର ୨୬ରୁ ୩୦ତାରିଖ ୫ ଦିନ ଯାଏଁ ରାୟଗଡ଼ା ଜିଲ୍ଲା ସଦର ମହକୁମାର ଜିସିଡି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି ଜିଲ୍ଲାର ଲୋକ ମହୋତ୍ସବ “ଚଇତି ଏବଂ ପଲ୍ଲିଶ୍ରୀ ମେଳା-୨୦୨୫’। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚଇତି କ୍ରୀଡା ମହୋତ୍ସବର ଆୟୋଜନ କରାଯାଇଛି। ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଶୀତୁଆ ସକାଳୁ ସ୍ଥାନୀୟ ରିଲାଏନ୍ସ ମାର୍ଟ ଛକ ୩୨୬ନଂ ଜାତୀୟ ରାଜପଥ ଉପରେ ଯୁବପିଢୀଙ୍କ ଉତ୍ସାହ ମଧ୍ୟରେ ଆରମ୍ଭ ହୋଇଯାଇଛି କ୍ରୀଡା ମହୋତ୍ସବର ପ୍ରଥମ ପ୍ରତିଯୋଗିତା ଗଣଦୌଡ। ଆଜି ସକାଳୁ ଏହି ଗଣଦୌଡ ପ୍ରତିଯୋଗିତାରେ ଶହ ଶହ ଯୁବକଯୁବତୀମାନେ ସାମିଲ ହୋଇଥିଲେ। ଆରମ୍ଭ ସ୍ଥାନରୁ ଦୀର୍ଘ ୧୦କିମି ଦୂର ବାଟ ହାଲୁଆଆମ୍ବତୋଟା ପର୍ଯ୍ୟନ୍ତ ଏହି ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ପ୍ରଥମ ସ୍ଥାନରେ ଶ୍ରୀକାନ୍ତ ପ୍ରାସ୍କା, ଦ୍ୱିତୀୟରେ ରାଜନା ଧୋନି, ତୃତୀୟରେ ବଳଭଦ୍ର ହିକକା,ଚତୁର୍ଥରେ ମୋନଜ ନାୟକ ଏବଂ ପଂଚମ ସ୍ଥାନ କଂସ ମାଝି ଅଧିକାର କରିଥିବା ବେଳେ ମହିଳା ବର୍ଗରେ ଲଳିତା ତିଆକା, ଦ୍ୱିତୀୟରେ ପିଙ୍କି ହିମିରିକା,ତୃତୀୟରେ ଦୀପିକା ବିଡିକା,ଚତୁର୍ଥରେ ସମୀରା ମାଝି ଏବଂ ପଂଚମ ସ୍ଥାନ ମୌସୁମୀ ମାଝି ଅଧିକାର କରି ବିଜେତା ହୋଇଛନ୍ତି। ସେହିପରି ୧୦ ଓ ୧୧ଡିସେମ୍ବର ଦୁଇ ଦିନ ଧରି ସ୍ଥାନୀୟ ସଦ୍‌ଭାବନା କ୍ରୀଡ଼ାଙ୍ଗନ ପ୍ରାଙ୍ଗଣରେ ପୁରୁଷ ଓ ମହିଳା ବର୍ଗରେ ବାସ୍କେଟ ବଲ, ୧୧ଡିସେମ୍ବର ଅପରାହ୍ଣ ସାଢେ ୩ଟାରେ ଜିସିଡି ହାଇସ୍କୁଲରେ ପୁରୁଷ ବର୍ଗରେ ଭଲିବଲ, ସକାଳ ସାଢେ ୬ଟାରେ କୋରାପୁଟ ଛକରୁ ୫୦ରୁ ୬୦ବର୍ଷ ବୟସ୍କଙ୍କ ମଧ୍ୟରେ ଚାଲିବା ପ୍ରତିଯୋଗିତ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୩ତାରିଖ ଅପରାହ୍ଣ ସାଢେ ୨ଟାରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ କବାଡି (ତୃତୀୟ ଲିଙ୍ଗ) ପ୍ରତିଯୋଗିତା



ଅନୁଷ୍ଠିତ ହେବ। ସେହିପରି ୧୪ଡିସେମ୍ବର ସକାଳ ସାଢେ ୯ଟାରେ ଜିସିଡି ହାଇସ୍କୁଲ ପଡିଆରେ ଭଲିବଲ ଫାଇନାଲ ମ୍ୟାଚ,ଅପରାହ୍ଣ ସାଢେ ୨ଟରେ କବାଡି ଫାଇନାଲ,୧୫ରେ ସକାଳ ୯ଟାରୁ ନୂଆ ବସଷ୍ଟାଣ୍ଡ ଛକ ଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ତିନି ଚକିଆ ସାଇକେଲ ଚାଳନା,ସକାଳ ୭ଟା ଓ ୮ଟା ସମୟରେ ଏମପିଆଇଏସ ଇଣ୍ଡୋର ଷ୍ଟାଡିୟମ,ଆମ୍ବଗୁଡା ଠାରେ ଶକ୍ତି ଉତୋଳନ ଓ ଭାର ଉତୋଳନ (ପୁରୁଷ ଓ ମହିଳା ବର୍ଗରେ),୧୬ରେ ସଦଭାବନା କ୍ରୀଡାଙ୍ଗନରେ ସକାଳ ୭ଟାରେ ଲନ୍ ଟେନିସ୍,୧୭ରେ ଆମ୍ବାଗୁଡା ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ବଡି ବିଲଡିଙ୍ଗ,୧୮ ଓ ୧୯ ଦୁଇ ଦିନ ଧରି ଉକ୍ତ ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡ ମିଂଟନ ଏବଂ ୨୧ତାରିଖରେ ସ୍ଥାନୀୟ ଜିସିଡି ହାଇସ୍କୁଲ ପଡିଆରେ ଅପରାହ୍ଣ ୩ଟା ସମୟରେ ଜିଲ୍ଲା ପ୍ରଶାସନ,ବାର ଆସୋସିଏସନ,ସିଭିଲ ସୋସାଇଟି ସଭ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ରସି ଝିକା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ରୀଡା ମହୋତ୍ସବ ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଉଦ୍‌ଘାଟନୀ କ୍ରୀଡା ମହୋତ୍ସବର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଂଜନ କହଁର, ପିଏ ଆଇଟିଡିଏ ତଥା ଚଇତି କ୍ରୀଡା ଉପସମିତି ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ମାଝି, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୌଡ଼ିଲେ ରାୟଗଡ଼ାର ଯୁବ ସମୂହ

# ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୧୦।୧୨(ସମିସ): ନବରଙ୍ଗପୁର ସ୍ୱତନ୍ତ୍ର ପୋକସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ଏକ ଦୁଷ୍କର୍ମ ଘଟଣାର ବିଚାରଣା କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ସମସ୍ତ ୫ ଜଣ ଅଭିଯୁକ୍ତ ଅମୀର ହରିଜନ, ଅମ୍ବିକା ହରିଜନ, ଚନ୍ଦ୍ର ହରିଜନ, ଭବାନୀ ହରିଜନ ଓ ସାଗର ହରିଜନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ,ନବରଙ୍ଗପୁର ଥାନା ଅନ୍ତର୍ଗତ ପଖନାଗୁଡ଼ା ଗ୍ରାମର ପୀଡିତା ଗତ ୨୦୧୭ ଜୁଲାଇ ୪ ତାରିଖ ଦିନ ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କୁ ଖାତିଗୁଡା ଥାନା ଅନ୍ତର୍ଗତ ଉଷୁରିପଦର ଗ୍ରାମର ଅମୀର ହରିଜନ ବିବାହ କରି ଘରେ ନେଇ ସ୍ତ୍ରୀ କରି ରଖିବି ବୋଲି ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ତିନି ମାସର ଗର୍ଭବତୀ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସମସ୍ତ ଅଭିଯୁକ୍ତ ଅମୀର ହରିଜନ, ଅମ୍ବିକା ହରିଜନ,ଚନ୍ଦ୍ର ହରିଜନ,ଭବାନୀ ହରିଜନ ଓ ସାଗର ହରିଜନକୁ କୋର୍ଟ ଚାଲାଣ କରିବା ସହ ଅମୀର ହରିଜନଙ୍କ ନାମରେ କେଶ ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ସମସ୍ତ ୨୧ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଅମୀର ହରିଜନ, ଅମ୍ବିକା ହରିଜନ, ଚନ୍ଦ୍ର ହରିଜନ, ଭବାନୀ ହରିଜନ ଓ ସାଗର ହରିଜନକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ନବରଙ୍ଗପୁର ବରିଷ୍ଠ ଆଇନଜୀବୀ ନରସିଂହ ନାଥ ତ୍ରିପାଠୀ ପରିଚାଳନା କରୁଥିବା ବିଶିଷ୍ଟ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ମହିଳା ସ୍ନାତକ ମହାବିଦ୍ୟାଳୟରେ କ୍ୟାରିଅର କାଉନ୍‌ସେଲିଂ

ନବରଙ୍ଗପୁର,୧୦।୧୨(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଭବିଷ୍ୟତ ମୁଖୀ କେରିଅର ଯୋଜନା ଓ ଉଚ୍ଚଶିକ୍ଷା ସୁଯୋଗ ସମ୍ପର୍କରେ ଜାଗୃତ କରିବା ପାଇଁ ଏକ ଦିବସୀୟ କ୍ୟାରିଅର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଇଗ୍ନୁ କୋରାପୁଟର ଆଞ୍ଚଳିକ ନିର୍ଦ୍ଦେଶିକା ଡ ଲତିକା ମିଶ୍ର ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଏହି ଅବର୍ଶରରେ ଅଧ୍ୟାପିକା ଡ଼ା. ସଞ୍ଜୁକ୍ତା ପଣ୍ଡା ଛାତ୍ରୀ ମାନଙ୍କ କେରିଅର ପ୍ଲାନିଂ, ଲକ୍ଷ୍ୟନିର୍ଦ୍ଧାରଣ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ଉପଯୋଗୀ ମତ ରଖିଥିଲେ। ସୁନୀତା ପାତ୍ର, ତାରୁଣୁମ୍ ଆରା, ରଞ୍ଜୁଷା ପ୍ରହରାଜ ଓ ଲକ୍ଷ୍ମୀକାନ୍ତ ସୌରା ଯୋଗଦେଇଥିଲେ।

# ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ଶିଶୁ ଉତ୍ସବ

ଟିକିରି, ୧୦।୧୨(ସମିସ): ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଅନୁଭବାଧାରିତ ଶିକ୍ଷା ତଥା କୌଶଳ ଭିତ୍ତିକ ପ୍ରଶିକ୍ଷଣ ପ୍ରୋତ୍ସାହିତ କରିବା ଉଦେଶ୍ୟ ନେଇ ଆଦିତ୍ୟ ଆଲୁମିନା ରିଫାଇନେରୀ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏକ ୟୁନିଟ୍ ପକ୍ଷରୁ ସ୍ଥାନୀୟ ପୋଡ଼ାପାଡି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଶିଶୁ ଉତ୍ସବ ଆୟୋଜିତ ହୋଇଯାଇଛି। ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଦିତ୍ୟ ଅଲୁମିନା ରିଫାଇନେରୀ ୟୁନିଟ୍ ମୁଖ୍ୟ ଓ ଅଧ୍ୟକ୍ଷ ମଜହର ବେଗ୍ ଅଧିକାରୀ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ବେଗ୍ କହିଥିଲେ ଯେ, ଶିଶୁମାନେ ସମାଜର




ଆଗାମୀ ଭବିଷ୍ୟତ। ସେମାନଙ୍କ ଶିକ୍ଷା, ସୃଜନଶୀଳତା ଏବଂ ସମଗ୍ରିକ ଉନ୍ନୟନ ପାଇଁ ଉପଯୁକ୍ତ ମଞ୍ଚ ସୃଷ୍ଟି କରିବା ଆମର ଦାୟିତ୍ୱ। ଏହି ଉତ୍ସବ ମାଧ୍ୟମରେ ପ୍ରତ୍ୟେକ ଶିଶୁର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପ୍ରୟାସ, ଓ ସେମାନଙ୍କ ଉନ୍ନତ ଭବିଷ୍ୟତ ଗଢିବାରେ ଆମେ ଅଂଶୀଦାର ହେବାରେ ଗର୍ବିତ ବୋଲି ଶ୍ରୀ ବେଗ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବିତ୍ର ନାୟକ ଅତିରିକ୍ତ ବ୍ଲକ ଅଧିକାରୀ କଶିପୁର ପଦ୍ମିନୀ ପୁଜାରୀ, ପୋଡପାଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସମେତ ରମେଶ୍ ଦୁବାଡା, ନିର୍ମାଣ ମୁଖ୍ୟ ବସୁଦେବ ଖୁଣ୍ଟିଆ, ଏଫ୍‌ଆଣ୍ଡସି ମୁଖ୍ୟ ଦୀପକ ମହାନ୍ତି, ମାନବ ସମ୍ବଳ, ଆଇଆର, ଆର୍‌ଆର୍, ସିଏସଆର୍ ଓ ଓଏଚସି ମୁଖ୍ୟ ତନ୍ମୟ ମହାନ୍ତି, ପ୍ରକଳ୍ପ ପରିଚାଳକ, ସିଏସଆର୍, ଆର୍‌ଓଆର୍, ଏସଏମସି ଅଧ୍ୟକ୍ଷ ଅର୍ଜୁନ ଝୋଡିଆ, ପୂର୍ବତନ ଏସଏମସି ଅଧ୍ୟକ୍ଷ ବିଜୟରତ୍ନ ଚୌଧୁରୀ, ରାମକାନ୍ତ ମହାନ୍ତି ଓ ରାଜେନ୍ଦ୍ର ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୬ଟି ଶିକ୍ଷାମୂଳକ ଷ୍ଟଲ୍, କଳା, ବିଜ୍ଞାନ, ଗଣିତ, ପରିବେଶ, ଯୋଗ ଓ ସ୍ୱାସ୍ଥ୍ୟ, ଏବଂ ଶିକ୍ଷଣ ଭିତ୍ତିକ ସାମଗ୍ରୀ ତଥା ଶିଶୁମାନଙ୍କୁ ନୂଆ ଧାରଣା ଅନ୍ୱେଷଣ, କୌଶଳ ବିକାଶ ଏବଂ ପ୍ରତିଭା ପ୍ରଦର୍ଶନ ହୋଇଥିଲା। ଉକ୍ତ ଉତ୍ସବରେ ଆକର୍ଷଣୀୟ ବିଷୟବସ୍ତୁ “ଡମି ଡଲ୍ସ ଓ ଫୁଡ୍ କୋର୍ଟ୍” ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଶିଶୁମାନଙ୍କୁ ସମ୍ମାନିତ ପାଇଁ ବିଭିନ୍ନ ପୁରସ୍କାର ଓ ସର୍ଟିଫିକେଟ୍ ବିତରଣ କରାଯାଇଅଛି।

# ଜବରଦଖଲ ରାସ୍ତାକୁ ଅକ୍ତିଆରକୁ ନେଲେ ପୌର ପ୍ରଶାସନ

## ଲାଗିଲା ଅନାଧିକାର ପ୍ରବେଶ ଫଳକ

ରାୟଗଡ଼ା,୧୦।୧୨(ସମିସ): ରାୟଗଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୧୮ ଓ ୧୯ ମଧ୍ୟରେ ଥିବା ୭ ଓ ୮ମ ଗଳିକୁ ସଂଯୋଗ କରୁଥିବା ପୌର ପାଳିକା ଅଧିନସ୍ଥ ଜାଗାକୁ ସ୍ଥାନୀୟ କିଛି ବାସିନ୍ଦା ଜବରଦଖଲକୁ ନେଇଥିବା ବେଳେ ଆଜି ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ନିର୍ଦ୍ଦେଶ କ୍ରମେ ପୌରପାଳିକା ସରକାରୀ ନିୟମ ଅନୁଯାୟୀ ଉକ୍ତ ସ୍ଥାନରେ ଅନାଧିକାର ପ୍ରବେଶ କଟକଣା ଫଳକ ଲଗାଯିବା ସହ ଜାଗାର ଚର୍ତୁପାଶ୍ୱର୍ରେ ଲାଲ କନା ବୁଲାଯାଇ ଏହି ଜାଗା ପୌର ପାଳିକାର ବୋଲି ଉଲ୍ଲେଖ କରାଯାଇ ଉକ୍ତ ଜାଗାକୁ ନିଜ ଅକ୍ତିଆରକୁ ନିଆଯାଇଛି। ଏ ନେଇ ପୌର ପାଳିକା ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ପ୍ରତିକ୍ରିୟା ନେବାରୁ ବହୁ ପୂର୍ବରୁ ଉକ୍ତ ଜାଗାକୁ ଜବରଦଖଲ କରାଯାଇଥିବା ନେଇ ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଥିଲେ। ସେଠାରେ କିଛି ଅନାଧିକାର ପ୍ରବେଶ କରାଯାଇ ଅସ୍ଥାୟୀ ଭାବେ ମନ୍ଦିର ପ୍ରତିଷ୍ଠା କରାଯାଇ ଜାଗାଟିକୁ ଜବରଦଖଲ କରିବାକୁ ଉଦ୍ୟମ କରାଯାଇଛି। ତେଣୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ପୌର ପାଳିକା ତରଫରୁ ଆଜି ଏନଫୋର୍ସମେଣ୍ଟ ଟିମ ଘଟଣାସ୍ଥଳକୁ ଯାଇ ଅନାଧିକାର ପ୍ରବେଶ କଟକଣା ଫଳକ ଲଗାଇ ଦିଆଯାଇଛି ଏବଂ ଆଗାମୀ ଦିନରେ ଉକ୍ତ ଜାଗାଟି ଦୁଇ ସାହିକୁ ସଂଯୋଗ କରୁଥିବା ଏକ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଖାରଜ

ମାଲକାନଗିରି,୧୦।୧୨(ସମିସ): ମାଲକାନଗିରି ସଦର ବ୍ଲକର ଭାଇସ ଚେୟାରମ୍ୟାନ ନିରଞ୍ଜନ ହାଲଦାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଆଜି କାଟ ଖାଇଛି। ଶ୍ରୀ ହାଲଦାରଙ୍କ ବିରୋଧରେ ପୂର୍ବରୁ ଅନ୍ୟ ଜନ ପ୍ରତିନିଧି ମାନେ ବିଭିନ୍ନ ଅଭିଯୋଗ କରି ଏହି ଅନସ୍ଥା ପ୍ରସ୍ତାବ ଆଣିଥିଲେ। ଏହି ପ୍ରସ୍ତାବକୁ ନେଇ ଆଜି ଭୋଟ ହେବାକୁ ଥିବା ବେଳେ ଏନେଇ ୩୮ ଜଣ ଜନ ପ୍ରତିନିଧିଙ୍କୁ ଭୋଟ ଦେବାପାଇଁ ଅବଗତ କରାଯାଇଥିଲା। କିନ୍ତୁ ଆଜି ଭୋଟ ଦିନ କେହି ମଧ୍ୟ ଉପସ୍ଥିତ ହେଲେ ନାହିଁ। ଯାହା ଫଳରେ ଏହି ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଛି ବୋଲି ଜଣାପଡିଛି।

## ଓଡ଼ିଶା ଫଳକ ଭାଙ୍ଗିବା ଘଟଣା

# ଓଡ଼ିଶା ସରକାରଙ୍କ ସୁବିଧା ନେବାକୁ ବିଡିଓ ଲୋକଙ୍କୁ ବୁଝାଇଲେ

**ପଟ୍ଟାଙ୍ଗି,୧୦।୧୨(ସମିସ):** ଓଡ଼ିଶା ଫଳକ ଭାଙ୍ଗିବା ଏବଂ ଓଡ଼ିଶା ଯୋଜନା ଗ୍ରହଣ ନକରିବା ଘଟଣାରେ ଲୋକଙ୍କୁ ବୁଝାସୁଝା କଲେ ବିଡିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ। କିନ୍ତୁ ପୁନର୍ବାର ନୂତନ ଭାବେ ଓଡ଼ିଶା ସରକାର ଖଣି ଖନନ କରି ଗ୍ରାମବାସୀଙ୍କୁ ତଡ଼ିବେ ବୋଲି ଗ୍ରାମବାସୀଙ୍କୁ ଡରାଉଛନ୍ତି ଆନ୍ଧ୍ର ଏଜେଣ୍ଟ। ଓଡ଼ିଶା ଅଙ୍ଗନବାଡ଼ି ଓ ବିଦ୍ୟାଳୟକୁ ନଯିବା ନେଇ ଗ୍ରାମବାସୀଙ୍କୁ ଡରାଉଛନ୍ତି ଆନ୍ଧ୍ର ଏଜେଣ୍ଟ। ସୂଚନା ଅନୁଯାୟୀ ଗତ ରବିବାର ଫାଟୁସିନେରି ଅଞ୍ଚଳରେ ଓଡ଼ିଶା ସରକାରଙ୍କ ଫଳକ ଭାଙ୍ଗିବା ସହ ଲୋକଙ୍କୁ ଓଡ଼ିଶା ସରକାରଙ୍କ ଯୋଜନା ଗ୍ରହଣ ନକରିବା ନେଇ ଆନ୍ଧ୍ର ଏଜେଣ୍ଟ କରିଥିଲେ ଷଡ଼ଯନ୍ତ୍ର। ଏହାପରେ ବ୍ଲକ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକେ ବୁଝିଥିବା ନେଇ ଜଣାପଡିଛି। ଆନ୍ଧ୍ର କରିଥିବା ଫାଟୁସିନେରି ପଞ୍ଚାୟତର ଡୋଲିଆମ୍ବା, ଫଗୁଣସିନେରି,ଫାଟୁସିନେରି, ହରମାଣ୍ଡେଙ୍ଗି



ଆଦି ଗ୍ରାମବାସୀଙ୍କୁ ନେଇ ଆନ୍ଧ୍ରର କିଛି ଏଜେଣ୍ଟ ବୈଠକ ଆୟୋଜନ କରିଥିଲେ। ଏହାପରେ କିଛି ଦୁର୍ବୃତ୍ତ ରାତିରେ ଉକ୍ତ ଗ୍ରାମ ଗୁଡିକରେ ଲାଗିଥିବା ଓଡ଼ିଶା ନାମଫଳକ ଗୁଡ଼ିକୁ ଭାଙ୍ଗି ଥିବା ଦେଖିବାକୁ ମିଳିଥିଲା। ଏହାପରେ ପୁଣି ସୋମବାର ହରମାଣ୍ଡେଙ୍ଗି ଛକରେ ବିଭିନ୍ନ ଗ୍ରାମବାସୀ ଏକତ୍ରିତ କରି ଏକ ବୈଠକର ଆୟୋଜନ କରିଥିଲେ ଆନ୍ଧ୍ର ଏଜେଣ୍ଟ। ସେଠାରେ ଓଡ଼ିଶାର ସମସ୍ତ ଯୋଜନା ଗୁଡିକୁ ଅଞ୍ଚଳବାସୀ ଗ୍ରହଣ କରିବୁ ନାହିଁ ବୋଲି ନିଷ୍ପତି ନେଇଥିଲେ। କିନ୍ତୁ ଏହାପରେ ପଟ୍ଟାଙ୍ଗି ବିଡ଼ିଓ ଶ୍ରୀ ନାୟକ ଏବଂ ତହସିଲଦାର ଶ୍ରୀ ଧାରୁଆ ମିଶି ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। କିଛି ସମୟ ଧରି ଆନ୍ଧ୍ର ଏଜେଣ୍ଟ ମାନଙ୍କ ସହ ବଚସା ମଧ୍ୟ ହୋଇଥିଲା। ବହୁକଷ୍ଟରେ ଲୋକେ ବୁଝିଥିଲେ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ବିଡ଼ିଓ ଶ୍ରୀ ନାୟକ ଫଳକ ଗୁଡ଼ିକୁ ଆନ୍ଧ୍ର ଅଧିକାରୀମାନେ ରାତିରେ ଆସି ଭାଙ୍ଗିଥିବା ନେଇ ଗ୍ରାମବାସୀ ସ୍ୱୀକାର କରିଥିବା କହିଛନ୍ତି। ଆନ୍ଧ୍ର ଏଜେଣ୍ଟ ମାନଙ୍କୁ ଆମେ ଚିହ୍ନଟ କରିଛୁ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି। କିନ୍ତୁ ପୁନର୍ବାର ଆନ୍ଧ୍ର ଏଜେଣ୍ଟ ଓଡ଼ିଶା ସରକାର କୋଟିଆ ପଞ୍ଚାୟତର ତଳସେମ୍ବି ଏବଂ ଉପରସେମ୍ବି ଗ୍ରାମବାସୀଙ୍କୁ ଗ୍ରାମରୁ ତଡିଦେଇ ସେଠାରେ ଖଣି ଖନନ କରିବା ନିମନ୍ତେ ପ୍ରସ୍ତୁତି କରିଥିବା ନେଇ ଲୋକଙ୍କୁ ଭୂତାଉଥିବା ନେଇ ଜଣାପଡିଛି। ଉକ୍ତ ଘଟଣା ନେଇ କୋରାପୁଟ ଜିଲ୍ଲା ମାଇନିଂ ଅଧିକାରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆଙ୍କୁ ପଚାରିବାରୁ କୌଣସି ମଧ୍ୟ ଖଣି ଖନନ ନିମନ୍ତେ ପ୍ରସ୍ତୁତି କରାଯାଇନଥିବା କହିଛନ୍ତି। ଏତଦ୍ ବ୍ୟତୀତ କୋଟିଆ ପଞ୍ଚାୟତର ସେମ୍ବି, ଧୂଳିପଦର୍ ଏବଂ ନେରେଡିୱାଲସା ଆଦି ଗ୍ରାମ ଗୁଡିକରେ ଓଡ଼ିଶା ଅଙ୍ଗନବାଡ଼ି, ବିଦ୍ୟାଳୟ ଏବଂ ଯୋଜନା ନେବାକୁ ଆନ୍ଧ୍ର ଏଜେଣ୍ଟ ମନା କରୁଛନ୍ତି। ଓଡ଼ିଶା ଯୋଜନା ନେବାକୁ ଚାହୁଁଥିବା ଲୋକଙ୍କୁ ଆନ୍ଧ୍ର ଏଜେଣ୍ଟ ଡରେଇ ଧମକେଇ ରଖିଥିବା ଜଣାପଡ଼ିଛି। ଲୋକେ କିନ୍ତୁ ଲୁଚି ଛପି ଓଡ଼ିଶା ଯୋଜନା ପାଇବା ନିମନ୍ତେ ଯାଉଥିବା ନେଇ ସୂଚନା ମିଳିଛି। ଉକ୍ତ ଘଟଣା ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲଙ୍କୁ ପଚାରିବାରୁ ଆମେ ଉକ୍ତ ଅଞ୍ଚଳକୁ ଗସ୍ତ କରି ଲୋକଙ୍କୁ ବୁଝାଇ ଥିଲୁ। କିନ୍ତୁ ଆନ୍ଧ୍ର ଯେହେତୁ ସେଠାରେ ଜନ ପ୍ରତିନିଧି ମୁତୟନ କରିଛନ୍ତି, ଲୋକଙ୍କୁ ସେମାନେ ଧମକାଇ ରଖିଛନ୍ତି ବୋଲି କହିଛନ୍ତି। ପ୍ରଶାସନ ଉକ୍ତ ଘଟଣା ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକ ରହିଅଛି ବୋଲି କହିଛନ୍ତି। ବିଡ଼ିଓ ରାମକୃଷ୍ଣ ନାୟକ କହିଛନ୍ତି, ଉକ୍ତ ଆନ୍ଧ୍ର ଏଜେନ୍ଟ ମାନଙ୍କ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ କରାଯିବ।

## ବିରୋଧରେ ପ୍ରଚାର କରୁଛନ୍ତି ଆନ୍ଧ୍ର ଏଜେଣ୍ଟ

# ବିଶ୍ୱ ମାନବଧିକାର ଦିବସ ପାଳିତ



ରାୟଗଡା,୧୦।୧୨(ସମିସ): ରାୟଗଡ଼ା ମାନବଧିକାର କମିଶନ ତରଫରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସପି ଶ୍ରୀନିବାସ ଆଚାରୀ, ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସରସ୍ୱତୀ ରାଏ, ବଚପନ ସ୍କୁଲର ନିର୍ଦ୍ଦେଶିକା ସୁଶ୍ରୀତା ଦାଶ, ମାନବିକ ଅଧିକାର କମିଶନର ଇଷ୍ଟ ଜୋନ ସଭାପତି ଲୀନା ସେନାପତି,ବି.ଭେଙ୍କଟ ରାବଣା ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସସ୍ମିତା ମହାନ୍ତି ସଂଚାଳନ କରିଥିଲେ। ଏହି ଅବସରରେ ରାୟଗଡାର ୫ଜଣ ସମାଜସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ସମାଜସେବୀ ମାନେ ହେଲେ ପ୍ରଦୀପ ସେନାପତି,କୁମାରୀ ବାଡାତ୍ୟା,ଇନାଡୁ ଖବରକାଗଜର ସାମ୍ବାଦିକ ବି.ଏଚ.ନାଗରାଜୁ,ଅକ୍ରୁର ନାୟକ ଓ ଆରପିଏଫ କର୍ମଚାରୀ ବିଭି ରାଓ। ମାନବିକ ଅଧିକାର କମିଶନର ଇଷ୍ଟ ଜୋନ ସଭାପତି ଲୀନା ସେନାପତିଙ୍କ ନେତୃତ୍ୱରେ ରାୟଗଡା ମାନବିକ ଅଧିକାର କମିଶନ ର ଜିଲ୍ଲା ସଂପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, ବିଜୟଲକ୍ଷ୍ମୀ ମିଶ୍ର ,ପି.ନାଇଡୁ, ଜଗଦୀଶ , ଏସ କେ ନାଭୀ, ଚତୁର୍ଭୁଜ ପଟ୍ଟନାୟକ, ସଂଯୁକ୍ତା ପଟ୍ଟନାୟକ, ଅଞ୍ଜଳୀ ପଣ୍ଡା, ପିଙ୍କୀ ରଥ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

